# ପ୍ରତିରକ୍ଷା ଶିଳ୍ପର ପତିଆରା ...

ସାରା ବିଶ୍ୱରେ ସାମରିକ ତଥା ଘରୋଇ ପ୍ରତିରକ୍ଷା ଶିଳ୍ପର ଯେଉଁ ସଂଗୋଷ୍ଠୀଟି ତଥାକଥିତ ଗଣତନ୍ତ୍ରଗୁଡ଼ିକୁ ପ୍ରଭାବିତ କରି ରାଜନୀତି ଓ ଅର୍ଥନୀତିରେ ନିଜର ଯେଉଁ ଅନୈତିକ ପତିଆରା  ଜାହିର କରିଆସିଛନ୍ତି, ତାର କିଛି ନଗ୍ନ ନମୁନା ଏବେ ଆମ ଦେଶ ଭାରତବର୍ଷରେ ଦେଖିବାକୁ ମିଳୁଛି । ଅନେକବର୍ଷ ତଳେ ପଢ଼ିଥିବା ଆମେରିକୀୟ ନାଟ୍ୟକାର ଆର୍ଥର ମିଲରଙ୍କ ଏକ ନାଟକ ଯାହାର ନାଁ ଥିଲା ‘ଅଲ ମାଇଁ ସନ୍ସ’(ସମସ୍ତେ ମୋ ସନ୍ତାନ) ମନେ ପଡ଼ିଯାଉଛି । ପ୍ରତିରକ୍ଷା ଶିଳ୍ପର ଉତ୍ପାଦନ କ୍ଷେତ୍ରରେ ରାଷ୍ଟ୍ରୀୟ ଶକ୍ତିମାନଙ୍କୁ ହାତବାରିସି କରି କେବଳ ଲୋଭ ଓ ଲାଭ ପାଇଁ କାମ କରୁଥିବା ଘରୋଇ କମ୍ପାନୀମାନେ କିଭଳି ଯୁଦ୍ଧ ବିମାନ ତିଆରି କରନ୍ତି, ଯାହାର ଗୁଣମାନ ଏପରି ନ୍ୟୁନ ଧରଣର ହୋଇଥାଏ ଯେ ତାକୁ ଭରସା କରି ବ୍ୟବହାର କରୁଥିବା ଯୁଦ୍ଧ ବୈମାନିକମାନେ କିଭଳି ଦୁର୍ଦ୍ଦଶା ଭୋଗନ୍ତି, ତାହା ଏହି ନାଟକରୁ ଦେଖିବାକୁ ମିଳିଥାଏ । ଏମିତିକି ଜଣେ ଯୁଦ୍ଧବିମାନ ତିଆରି କରୁଥିବା କମ୍ପାନୀର ମାଲିକଙ୍କ ପୁଅ ନିଜ ବାପାଙ୍କ ତିଆରି ଯୁଦ୍ଧଜାହାଜ ଚଳାଇ ଯୁଦ୍ଧକ୍ଷେତ୍ରକୁ ଗଲାବେଳେ ବିମାନରେ ଗୁରୁତର ଯାନ୍ତ୍ରିକ ତୃଟି ଯୋଗୁଁ  ମୃତ୍ୟୁର ଶିକାର ହୁଅନ୍ତି । ବାପାଙ୍କର ସେତେବେଳେ ଯାଇ ଚେତା ଫେରେ ଯେ ସେହି ଯୁଦ୍ଧବିମାନ ତାଙ୍କ କମ୍ପାନୀ ତିଆରି କରିଥିଲା । ଏହା କେବଳ ଆମେରିକାର ଏକ କାହାଣୀ ନୁହଁ ବରଂ ସାରା ବିଶ୍ୱରେ ଲାଭଖୋର ପ୍ରତିରକ୍ଷା ଶିଳ୍ପର ଦୌରାତ୍ମ୍ୟ ଯୋଗୁଁ ଲକ୍ଷ ଲକ୍ଷ ଅକୁହା କାହାଣୀ ଲୋକଲୋଚନର ଆଢୁଆଳରେ ରହିଯାଉଛି ବା ସେସବୁକୁ ଚପାଇ ରଖି ଦିଆଯାଉଛି । ରାଷ୍ଟ୍ର, ସାମରିକ ବାହିନୀ ଓ ଘରୋଇ ପ୍ରତିରକ୍ଷା ଶିଳ୍ପ ଭିତରେ ଯେଉଁ ମଧୁଚନ୍ଦ୍ରିକା ଚାଲିଛି ତାକୁ ବିଶ୍ୱବିଖ୍ୟାତ ଲେଖକ ତଥା ଆଲୋଚକ ନୋମ ଚମସ୍କି ମିଲିଟାରୀ ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ହିସାବରେ ନିଜର ଲେଖା ଓ ବକ୍ତବ୍ୟରେ ବାରମ୍ବାର ଦୋହରାଇ ଆସିଛନ୍ତି । ଏମିତିକି ବିଶ୍ୱର ଗଣମାଧ୍ୟମ (ଛାପା ଓ ବୈଦ୍ୟୁତିକ) କେମିତି ଏହି ସଂଗୋଷ୍ଠୀ ଦ୍ୱାରା ପରିପୋଷିତ ଓ ପରିଚାଳିତ; ତାହାର ନମୁନାଗୁଡ଼ିକ ମଧ୍ୟ ଚମସ୍କି ବିଭିନ୍ନ ଲେଖା ଓ ବକ୍ତବ୍ୟଗୁଡ଼ିକରେ ଦର୍ଶାଇ ଆସିଛନ୍ତି । ସମଗ୍ର ବିଶ୍ୱର ଯେତେସବୁ ନଜରକୁ ଆସୁଥିବା ରାଷ୍ଟ୍ର ଅଛନ୍ତି ସେମାନଙ୍କ ଭିତରେ ଯେଉଁମାନେ ଦିନେ ଉପନିବେଶକାରୀ ଥିଲେ ବା ଏବେ ବି ଅଛନ୍ତି ଏବଂ ଯେଉଁମାନେ ଦିନେ ଉପନିବେଶ ଥାଇବି ଏବେ ନିଜକୁ ଏକ ବିଶ୍ୱ ଶକ୍ତି ହିସାବରେ ନିଜ ଲୋକଙ୍କ ସାମ୍ନାରେ ଉପସ୍ଥାପିତ କରିବାପାଇଁ ପ୍ରୟାସ କରୁଛନ୍ତି, ସେମାନେ ସମସ୍ତେ ନିଜର ପ୍ରତିରକ୍ଷା ଖର୍ଚ୍ଚଟିକୁ ଅନ୍ଧଭାବେ ବଢ଼ାଇ ଚାଲିଛନ୍ତି । ନିଜ ଲୋକଙ୍କୁ ଦାରିଦ୍ର୍ୟ ଓ ଅସହାୟତା ଭିତରେ ରଖି ଏକ ମିଛ ଆତଙ୍କ ବା ଭୟର ବାହାନା ଦେଖାଇ ପ୍ରତିରକ୍ଷା ନାଁରେ ଅଯୌକ୍ତିକ ଭାବରେ ଅଯଥା ଖର୍ଚ୍ଚକୁ ବଢ଼ାଇ ଚାଲିଛନ୍ତି । ୨୦୧୭-୧୮ ମସିହାରେ ଭାରତ ଭଳି ଏକ ଦରିଦ୍ର ଦେଶର ବାର୍ଷିକ ବଜେଟରୁ ୨.୭୪ଲକ୍ଷ କୋଟି ଟଙ୍କା ପ୍ରତିରକ୍ଷା ପାଇଁ ବ୍ୟୟବରାଦ କରାଯାଇଥିବାବେଳେ ୨୦୧୮-୧୯ ବଜେଟ ଉପସ୍ଥାପନ ବେଳେ ତାକୁ ୭.୮୧ ପ୍ରତିଶତ ବଢ଼ାଇ ଦେଇ ୨.୯୫ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଖର୍ଚ୍ଚ ଅଟକଳ କରାଯାଇଥିଲା । ସମୁଦାୟ ବଜେଟ୍ ୨୪, ୪୨, ୨୧୩ କୋଟି ଟଙ୍କାରୁ କେବଳ ପ୍ରତିରକ୍ଷା ଖର୍ଚ୍ଚ ବରାଦ ଥିଲା ୨,୯୫,୫୧୧କୋଟି ଟଙ୍କା ଅର୍ଥାତ୍ ସମଗ୍ର ବଜେଟର ଶତକଡ଼ା ୧୨.୧୦ ପ୍ରତିଶତ । କିନ୍ତୁ ଠିକ୍ ସେତିକିବେଳେ ଶିକ୍ଷା କ୍ଷେତ୍ରରେ ମାତ୍ର ୩.୫ପ୍ରତିଶତ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ରହିଥିଲା । ତଥାପି ପ୍ରତିରକ୍ଷା ଶିଳ୍ପର ପ୍ରଭାବରେ ପ୍ରତିଷ୍ଠିତ ଓ ପରିଚାଳିତ ଖବରକାଗଜ ମାନେ ପ୍ରତିରକ୍ଷା କ୍ଷେତ୍ରର ବର୍ଦ୍ଧିତ ଖର୍ଚ୍ଚ ଅଟକଳକୁ ଯଥେଷ୍ଟନୁହଁ କହିବାକୁ ପଛାଇ ନଥିଲେ । ଗୋଟିଏ ପ୍ରତିଷ୍ଠିତ ଦୈନିକ ଖବରକାଗଜ କହିଥିଲା ଯେ, ‘ଯେତେବେଳେ କି ଭାରତ ଉଭୟ ପାକିସ୍ଥାନ ଏବଂ ଚାଇନା ପଟୁ ସାମରିକ ଆତଙ୍କକୁ ସାମ୍ନା କରୁଛି, ସେତେବେଳେ ପ୍ରତିରକ୍ଷା କ୍ଷେତ୍ରରେ ଯେଉଁ ଖର୍ଚ୍ଚ ବରାଦ କରାଯାଇଛି ତାହା ସାମରିକ ବାହିନୀର କାର୍ଯ୍ୟକାରୀ ଆବଶ୍ୟକତା ଏବଂ ଦକ୍ଷତା ବିକାଶ କରାଇବା କ୍ଷେତ୍ରରେ ଚାହିଦା ପୂରଣ କରିବାପାଇଁ ଯଥେଷ୍ଟ ହେବନାହିଁ (“At a time when India faces military threats from both Pakistan and China, the defence outlays unlikely to completely meet the operational requirements and capability development program of the defence services”-The Economic Times ONLINE, Feb1, 2018 )। ଏହିକଥା ଏମାନେ ପଚାରି ପାରିଥାନ୍ତେ ଯେ ଗୋଟିଏ ଦେଶରେ କ୍ଷୁଧା, ବେରୋଜଗାର, ହୀନ ସ୍ୱାସ୍ଥ୍ୟ, ପୁଷ୍ଟିହୀନତା ଇତ୍ୟାଦି ଜଟିଳ ସମସ୍ୟା ସମଗ୍ର ଜାତିଟାକୁ ପଛକୁ ଟାଣୁଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଏତେ ପରିମାଣର ବ୍ୟୟବରାଦ ସତରେ କ’ଣ ନିତାନ୍ତ ଜରୁରୀ! ପାକିସ୍ଥାନ ଏବଂ ଚୀନ୍ ପଟୁ ଯେଉଁ

ଭୟଅଛି ବୋଲି କୁହାଯାଉଛି ତାହା ଏକ କଳ୍ପନା ନା ଅଯୌକ୍ତିକ ଆଶଙ୍କା ନା ସତରେ ଏକ ବାସ୍ତବତା ; ତାହା ଦେଶବାସୀଙ୍କ ପାଇଁ ଜାଣିବା ସହଜ ନୁହଁ । କାରଣ ଉଭୟ ରାଷ୍ଟ୍ର ଏବଂ ପ୍ରତିରକ୍ଷା ଶିଳ୍ପର ମୁଖପତ୍ର ସାଜିଥିବା ଗଣମାଧମମାନେ ଯଦି ଜନଗଣଙ୍କ ଭିତରେ କାଳ୍ପନିକ ଶତ୍ରୁ ତିଆରି କରି ଭୟ ବା ଆତଙ୍କ ସୃଷ୍ଟି ନ କରନ୍ତି, ତେବେ ଜନଗଣ ନିଜକୁ ଅସୁରକ୍ଷିତ ମନେ କରିବେ ନାହିଁ । ଜନଗଣଙ୍କ ମନରେ ଅସୁରକ୍ଷାର ଭାବନା ଆସିଲେ ହିଁ ସେମାନେ ନିଜର ସୁରକ୍ଷାର ଦାୟିତ୍ୱ ସମ୍ପୂର୍ଣ୍ଣଭାବେ ରାଷ୍ଟ୍ର ହାତରେ ସମର୍ପି ଦେବେ ଏବଂ ରାଷ୍ଟ୍ରମଧ ଏହାକୁ ଆୟୁଧ କରି ପ୍ରତିରକ୍ଷା କ୍ଷେତ୍ରରେ ବା ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ନିଜର ଖର୍ଚ୍ଚ ବଢ଼ାଇ ଚାଲିବ । କିଏ ଏଥିରୁ ଲାଭ ପାଏ, ତାହା ଆଲୋଚନା ପରିସରକୁ ଆସିବ ନାହିଁ ।

ସ୍ୱାଧୀନତା ପରବ ର୍ୀ ଭାରତରେ ପ୍ରତିରକ୍ଷା କ୍ଷେତ୍ରର ଖର୍ଚ୍ଚଟି ମୁଖ୍ୟତଃ ସେନାବାହିନୀର ପରିଚାଳନା ଖର୍ଚ୍ଚ ବାହାରେ କେବଳ ରାଷ୍ଟ୍ରୀୟ ପ୍ରତିରକ୍ଷା ଉତ୍ପାଦନ ଉଦ୍ୟୋଗଗୁଡ଼ିକରେ ଖର୍ଚ୍ଚ ହେଉଥିଲା, ଯେଉଁ ଦୁଇଟି ଘରୋଇ କମ୍ପାନୀ ପ୍ରତିରକ୍ଷା କ୍ଷେତ୍ରରେ କାମ କରୁଥିଲେ ଯଥା ଟାଟା ଓ ଏଲ୍‌ଏଣ୍ଡ୍‌ଟି ସେମାନଙ୍କର ଯୁଦ୍ଧ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଅବା ଯୁଦ୍ଧ ବିମାନ ନିର୍ମାଣ କ୍ଷେତ୍ରରେ କୌଣସି ଭୂମିକା ନଥିଲା । ଅତି ସ୍ପର୍ଶକାତର କ୍ଷେତ୍ରରୁ ଅନେକ ଦୂରରେ ଥିଲେ ଘରୋଇ କମ୍ପାନୀମାନେ । କିନ୍ତୁ ପ୍ରତିରକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜି ବିନିଯୋଗକୁ ସରକାର ପ୍ରୋତ୍ସାହନ ଦେବାପରେ ଅନେକ ଘରୋଇ କମ୍ପାନୀ ନିଜର କୌଣସି ପୂର୍ବ ଅନୁଭୂତି ନଥାଇ ମଧ ପ୍ରତିରକ୍ଷା ଉତ୍ପାଦନ ପାଇଁ ଅ । ଭିଡ଼ିଲେ । ସାଧାରଣତଃ ଧାରଣା ହୋଇଥାଏ ଯେ ସରକାରଙ୍କ ପାଖରେ ଅର୍ଥ ଅଭାବ ଯୋଗୁଁ ଘରୋଇ ଉଦ୍ୟୋଗମାନେ ନିଜସ୍ୱ ପାଣ୍ଠି ବିନିଯୋଗ କରି ବା ବିଦେଶୀ ପୁଞ୍ଜିକୁ ପାଥେୟ କରି ବା ଉଭୟ ପାଣ୍ଠିର ଶ୍ରେଷ୍ଠ ଉପଯୋଗ କରି ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ସହଯୋଗୀ ଶକ୍ତି ହିସାବରେ ଉଦୟମାନ ହେବେ । ତେବେ କେନ୍ଦ୍ରରେ ୟୁପିଏ ଶାସନ ସମୟରୁ ଆଗ୍ରହ ଦେଖାଉଥିବା ଏବଂ ମୋଦୀ କେନ୍ଦ୍ରରେ ସିଂହାସନ ଆରୋହଣ କରିବା ପରେ ଆକ୍ରମଣାତ୍ମକ ଭାବେ ସକ୍ରିୟ ହୋଇଥିବା ଏହି ଘରୋଇ ଶିଳ୍ପ ସଂସ୍ଥାମାନେ ମୁଖ୍ୟତଃ ରାଷ୍ଟ୍ରାୟ  ବ୍ୟାଙ୍କ ଏବଂ ସରକାରୀ ଅର୍ଥ ଲଗାଣକାରୀ ସଂସ୍ଥା ମାନଙ୍କଠାରୁ ଅର୍ଥ ନେଇ ନିଜ ଉଦ୍ୟୋଗରେ ବିନିଯୋଗ କରିଥାନ୍ତି । ସମସ୍ତେ ଜାଣିଶୁଣି ଏକ ଭ୍ରମଟିଏ ଆମ ଶିକ୍ଷିତବର୍ଗଙ୍କ ଭିତରେ ସୃଷ୍ଟି କରିଥାନ୍ତି ଯେ ସେମାନେ କେବଳ ନିଜ ଅର୍ଥକୁ ଖର୍ଚ୍ଚକରି କୌଣସି ପ୍ରତିରକ୍ଷା ପ୍ରକଳ୍ପ ଆରମ୍ଭ କରିଥାନ୍ତି ବା ଚଳାଇଥାନ୍ତି । ଅନ୍ୟପଟେ ଦେଶର ପ୍ରତିରକ୍ଷା ବଜେଟରେ ରାଷ୍ଟ୍ରାୟ  ବ୍ୟାଙ୍କ ବା ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ବିନିଯୋଗ ହେଉଥିବା ଅର୍ଥର କୌଣସି ଉଲ୍ଲେଖ ନଥାଏ । ଏଭଳି ଖର୍ଚ୍ଚକୁ ଆମେ ଛଦ୍ମବେଶୀ ପ୍ରତିରକ୍ଷା ଖର୍ଚ୍ଚ ମଧ କହିପାରିବା । ବିଡ଼ମ୍ବନାର କଥା ଯେ ୨୦୧୮ ସୁଦ୍ଧା ଏ ଦେଶ ମାତ୍ର ୩୫ କୋଟି ଟଙ୍କାର ବିଦେଶୀ ପୁଞ୍ଜି ବିନିଯୋଗ ପ୍ରତିରକ୍ଷା କ୍ଷେତ୍ରରେ ପାଇଛି (The Economic Times ONLINE,  Jul16, 2018 )

ମୋଦୀଙ୍କ ସମୟରେ ଯେଉଁ କେତୋଟି ଭାରତୀୟ ଘରୋଇ କମ୍ପାନୀ ପ୍ରତିରକ୍ଷା କ୍ଷେତ୍ରରେ କୌଣସି ବି ପୂର୍ବାନୁଭୂତି ନଥାଇ ବୃହତ୍ ଆକାରର ପ୍ରତିରକ୍ଷା ପ୍ରକଳ୍ପର କାମ ହାତେଇ ପାରିଛନ୍ତି, ସେ ଭିତରେ ଆଗଧାଡ଼ିରେ ଅଛନ୍ତି ଶିଳ୍ପପତି ଅନୀଲ ଅମ୍ବାନୀଙ୍କର ରିଲାଏନ୍ସ ଡିଫେନ୍ସ କମ୍ପାନୀ ଯାହାକି ୨୦୧୫ ମାର୍ଚ୍ଚ ମାସରେ ଆତ୍ମପ୍ରକାଶ କରିବା ପରେ ୨୦୧୫ ଏପ୍ରିଲରେ ହିଁ ଏକ ବିରାଟ ପ୍ରକଳ୍ପର ଭାରତୀୟ ଅଂଶୀଦାର ହୋଇପାରିଲେ । ଫ୍ରାନ୍ସର ଯୁଦ୍ଧ ବିମାନ ତିଆରି କମ୍ପାନୀ ଡ଼ାସଲ୍ଟ ଏଭିଏସନ୍ ଯୁଦ୍ଧ ବିମାନ ଯୋଗାଣ କ୍ଷେତ୍ରରେ ବିଭିନ୍ନ ଦେଶରେ ଅନ୍ୟ ୟୁରୋପୀୟ, ଆମେରିକୀୟ ତଥା ଋଷୀୟ କମ୍ପାନୀ ମାନଙ୍କ ସହ ବିକାଶଶୀଳ ଦେଶମାନଙ୍କରେ ପ୍ରତିଯୋଗିତା କରିଆସିଛନ୍ତି । ଏହି ପ୍ରତିରକ୍ଷା କମ୍ପାନୀମାନଙ୍କର ଏକ ବିଶେଷ ସମଲକ୍ଷଣ ହେଲା ଏମାନେ ନିଜ ଦେଶର ଶାସକ ଦଳ ତଥା ରାଷ୍ଟ୍ରମୁଖ୍ୟ ମାନଙ୍କୁ ଉତ୍କୋଚ ଦେଇ ନିଜସପକ୍ଷରେ ରଖୁଥିବାବେଳେ ସେମାନଙ୍କ ଲକ୍ଷ୍ୟରେ ଥିବା ଦୁର୍ବଳ ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରମୁଖ୍ୟ, ଶାସକବର୍ଗ ତଥା ଗଣମାଧମକୁ ମଧ ନିଜ ପ୍ରଲୋଭନର ଶିକାର କରିଥାନ୍ତି । ଡ଼ାସଲ୍ଟ ଏଭିଏସନ୍ କେବେ ବି ଏକ ବ୍ୟତିକ୍ରମ ହୋଇପାରିବ ନାହିଁ । ୟୁପିଏ-୨ ଅମଳରୁ ଏହି କମ୍ପାନୀ ଭାରତକୁ ନିଜର ଯୁଦ୍ଧବିମାନ ଯୋଗାଇବାରେ ପ୍ରୟାସ ଜାରୀ ରଖିଥିଲା ଏମିତିକି ୧୨୬ଟି ଯୁଦ୍ଧବିମାନ ଯୋଗାଇ ଦେବାପାଇଁ କଥାବା ର୍ା ଚାଲିଥିଲା । ବିଦେଶରୁ ମୁଖ୍ୟଅଂଶ ଆସିବାପରେ ଭାରତରେ ରାଷ୍ଟ୍ରାୟ  କମ୍ପାନୀ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ଼୍ (ହାଲ୍) ଯୁଦ୍ଧବିମାନ ଗୁଡ଼ିକୁ ପ୍ରସ୍ତୁତ କରିବା ଦାୟିତ୍ୱ ନେବାପାଇଁ ଚିନ୍ତା ମଧ କରାଯାଇଥିଲା । ତେବେ କଥାବା ର୍ାଟି ଅସମାପ୍ତ ରହିଯାଇଥିଲା, ପରେ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱରେ ଏନଡ଼ିଏ କ୍ଷମତାକୁ ଆସିବାପରେ ଏହି ସଂସ୍ଥାଟି ପୁଣିଥରେ ସକ୍ରିୟ ହୋଇଯାଇଥିଲା । ପୂର୍ବରୁ ଟାଟା କମ୍ପାନୀର ନାଁ ଶୁଣାଯାଉଥିବା ବେଳେ ପରେ ମୁକେଶ ଅମ୍ବାନୀଙ୍କ ନାଁ’ଟି ଆଗକୁ ଆସିଥିଲା । ଶେଷରେ ବାଜି ମାରିଥିଲା ଅନୀଲ ଅମ୍ବାନୀଙ୍କର ସଦ୍ୟଗଠିତ ରିଲାଏନ୍ସ ଡିଫେନ୍ସ କମ୍ପାନୀ । ଏବେ ଦେଶବ୍ୟାପି ଏହି ଚର୍ଚ୍ଚା ରିଲାଏନ୍ସ ଡ଼ିଫେନ୍ସକୁ

ସରକାର ଅହେତୁକ ଅନୁକମ୍ପା କରି ଯୁଦ୍ଧ ବିମାନ ଯୋଗାଣପାଇଁ ତାକୁ ଏକ ସହଯୋଗୀ କମ୍ପାନୀ କରେଇବାପାଇଁ ଫରାସୀ କମ୍ପାନୀ ଡ଼େସଲ୍ଟ ଏଭିଏସନ୍‌କୁ କୁଆଡ଼େ ପ୍ରଭାବିତ କରିଛନ୍ତି । ଅଭିଯୋଗଟି ପ୍ରଥମେ ବଳିଷ୍ଠଭାବେ ଆସିଥିଲା ଯେତେବେଳେ ଅକ୍ଟୋବର ୪ ,୨୦୧୮ ଦିନ ଏକ ତିନିଜଣିଆ ପ୍ରତିନିଧି ମଣ୍ଡଳ (ପ୍ରଶାନ୍ତ ଭୂଷଣ, ଯଶବନ୍ତ ସିହ୍ନା ଓ ଅରୁଣ ସୌରୀ) ସିବିଆଇର ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଭେଟି ଏକ ପିଟିସନ୍ ଦାଖଲ କରିଥିଲେ ଯେ ଏହି ୩୬ଟି ଯୁଦ୍ଧ ବିମାନ ନିର୍ମାଣ ପାଇଁ ଡ୍ୟାସଲ୍ଟ ଏଭିଏସନ୍ ସହ ରିଲାଏନ୍ସ ଡ଼ିଫେନ୍ସକୁ ସଂଶ୍ଲିଷ୍ଟ କରି ଯେଉଁ ୫୮ହଜାର କୋଟି ଟଙ୍କାର ସୌଦାଟିଏ କରାଯାଇଛି, ସେଥିରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଉ । ତା'ପୂର୍ବରୁ ସେପ୍ଟେମ୍ବର ୨୦୧୮ରେ ଏହି ଚୁକ୍ତିଟି ଫ୍ରାନ୍ସରେ ସ୍ୱାକ୍ଷର ହେବାବେଳେ ରାଷ୍ଟ୍ରପତି ଥିବା ଫ୍ରାଙ୍କୋଇସ୍ ହୋଲାଣ୍ଡେ ସେଠାକାର ଏକ ୱେବ ଟିଭି ସହ ସାକ୍ଷାତକାର ବେଳେ କହିଥିଲେ ଯେ ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଡ଼ିଫେନ୍ସକୁ ସେମାନେ ବାଛିନଥିଲେ ବରଂ ଭାରତ ସରକାର ତାଙ୍କୁ ଏପରି କରିବାପାଇଁ ପ୍ରବ ର୍ାଇ ଥିଲେ । ଯଦିଓ ଫରାସୀ କମ୍ପାନୀଟି ଏହି କଥାଟିକୁ ଅସ୍ୱୀକାର କରିଛନ୍ତି କିନ୍ତୁ ସେମାନେ ଏହାର ସନ୍ତୋଷଜନକ ଉ ର ଦେଇ ନାହାନ୍ତି ଯେ କୌଣସି ପୂର୍ବାନୁଭୂତି ନଥିବା ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଡ଼ିଫେନ୍ସକୁ ସେମାନେ କାହିଁକି ଓ କେମିତି ବାଛିଲେ । ଅବଶ୍ୟ ଏଭଳି ଏକ ପ୍ରଶ୍ନ ଭାରତୀୟ ଗଣମାଧ୍ୟମ କେବେ ପଚାରିନାହିଁ ।

ବ ର୍ମାନର ସରକାର ଓ ଏହାର ମୁଖ୍ୟ ନରେନ୍ଦ୍ର ମୋଦୀଙ୍କ ପାଇଁ ଅନୀଲ ଅମ୍ବାନୀ ଏକ ଶୁଭଙ୍କର ନାଁ । ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବାପାଇଁ ସ୍ୱପ୍ନ ଦେଖିଥିବା ଏବଂ ସ୍ୱପ୍ନକୁ ବିତରଣ କରିଥିବା ପ୍ରଥମ ଚରିତ୍ରଟି ହେଉଛନ୍ତି ଅନୀଲ ଅମ୍ବାନୀ । ୨୦୦୯ର ଭାଇବ୍ରା ଗୁଜୁରାଟ ସମ୍ମିଳନୀର ଅବସରରେ ଅନ୍ୟ ଶିଳ୍ପପତିମାନଙ୍କ ଗହଣରେ ତତ୍କାଳୀନ ଗୁଜୁରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ବାହାରକୁ ଯାଇ ରାଷ୍ଟ୍ରୀୟ ସ୍ତରରେ ଶାସନର ମଙ୍ଗ ଧରିବାପାଇଁ ସିଏ ହିଁ ପ୍ରଥମେ ପରାମର୍ଶ ଦେଇଥିଲେ । ତା'ପରେ ଚାଲିଲା ତଥାକଥିତ ଗୁଜୁରାଟ ମଡ଼େଲ ଓ 'ନମୋ'ର ଜାତୀୟ ଗଣମାଧ୍ୟମ ଏବଂ ଚର୍ଚ୍ଚାଗୁଡ଼ିକରେ ପ୍ରଚାର । ମୋଦୀ ମହୋଦୟଙ୍କର ଋଣ ସୁଝିବାର ସମୟ ଆସିଛି । କେବଳ ଅନିଲ ଅମ୍ବାନୀ ନୁହଁ; ଶିଳ୍ପପତି ଗୌତମ ଆଦାନୀ ଏବଂ ବଡ଼ଭାଇ ମୁକେଶ ଅମ୍ବାନୀ ମୋଦୀ ଶାସନରୁ ସର୍ବାଧିକ ଅନୁଗ୍ରହ ପାଇଆସିଛନ୍ତି । ଏମିତିରେ ଅନୀଲ ଅମ୍ବାନୀ ଋଣଗ୍ରସ୍ତ ହୋଇଥିବାର ଚର୍ଚ୍ଚା ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ସେହି ଦୃଷ୍ଟିରୁ ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଡ଼ିଫେନ୍ସ ଯଦି କିଛି ମୋଦି ଅନୁଗ୍ରହ ପାଇଥାଏ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ତେବେ ଯାହା ସମସ୍ତଙ୍କୁ ଚକିତ କରିଛି ତାହା ହେଲା ଉଚ୍ଚତମ ନ୍ୟାୟାଳୟର ଏହି ବାବଦରେ ସରକାରଙ୍କୁ ସ୍ୱଚ୍ଛ ପ୍ରମାଣପତ୍ର ଦେବାରେ ତରବରିଆ ନିଷ୍ପ ି(ଡିସେମ୍ବର୧୪, ୨୦୧୮) । ସରକାରଙ୍କ ତରଫରୁ ମିଥ୍ୟା ସତ୍ୟପାଠକୁ ଆଧାର କରି ଉଚ୍ଚତମ ନ୍ୟାୟାଳୟ ନିକଟରେ ରାଫାଇଲ ଚୁକ୍ତିକୁ ନେଇ କେନ୍ଦ୍ର ସରକାରଙ୍କୁ ଯେଉଁଭଳି ଦୋଷମୁକ୍ତ କରିଛନ୍ତି, ତାହା ବରଂ ଉଚ୍ଚତମ ନ୍ୟାୟାଳୟର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି । କେନ୍ଦ୍ର ସରକାରଙ୍କ ତରଫରୁ ଅଦାଲତରେ ପ୍ରଦାନ କରାଯାଇଥିବା ତଥ୍ୟ ମିଛ ଥିଲା ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ପବ୍ଲିକ ଏକାଉ ସ କମିଟିର ଅଧକ୍ଷ ମଲ୍ଲିକାର୍ଜୁନ ଖର୍ଗେଙ୍କ ଉପସ୍ଥିତିରେ ଗଣମାଧ୍ୟମ ସାମ୍ନାରେ ବକ୍ତବ୍ୟ ରଖିଛନ୍ତି । ଏବଂ ଏହାର ଠିକ ପରେ ପରେ ମିଛଟିକୁ ସଂଶୋଧନ କରିବାପାଇଁ ସରକାରଙ୍କ ତରଫରୁ ଅଦାଲତରେ ପୁଣି ଏକ ଦସ୍ତାବିଜ ଦାଖଲ କରାଯାଇଛି । ଏହି ମାମଲାରେ ସରକାର ଦୋଷୀ କି ନୁହଁ ବା ରିଲାଏନ୍ସ ଡ଼ିଫେନ୍ସ ବା ଡ଼ାସେଲ୍ଟ ଏଭିଏସନ୍ କେତେ ଅନୈତିକଭାବେ ଜଡ଼ିତ , ତାହା କେବଳ ଏକ ପ୍ରସଙ୍ଗ ନୁହଁ । ଆମପାଇଁ ପ୍ରମୁଖ ଚିନ୍ତାର ବିଷୟ ହେଉଛି ଆମର ସୁରକ୍ଷାଜନିତ ପ୍ରଶ୍ନଟି କେତେ ସତ୍ୟ ବା କେତେ ବାସ୍ତବ; ତା'ପର ପ୍ରଶ୍ନଟି ହେଉଛି ଭାରତ ଭଳି ଏକ ଦରିଦ୍ର ଦେଶରେ ପ୍ରତିରକ୍ଷା ଖର୍ଚ୍ଚ ନିଜ ବଜେଟର ଏକ ସିଂହଭାଗ ନେଇଯିବା କେତେ ଯଥାର୍ଥ ? ପୁଣି ଘରୋଇ କମ୍ପାନୀମାନଙ୍କର ନିଜସ୍ୱ ପାଣ୍ଠି ବିନିଯୋଗ ନହୋଇ ରାଷ୍ଟ୍ରାୟ ସଂସ୍ଥାମାନଙ୍କର ଘରୋଇ ଶିଳ୍ପ ତଥା ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ଅର୍ଥ ଲଗାଣକୁ ଯେଉଁଭଳି ପ୍ରୋତ୍ସାହନ ଦିଆଯାଉଛି ତାହା ଦେଶର ଅର୍ଥନୀତି ପାଇଁ କେତେ ଉଚିତ ? ଆମ ଗଣମାଧ୍ୟମ ଗୁଡ଼ିକରେ କାହିଁକି ସବୁକଥା ଆଲୋଚନା କରାଯାଉନାହିଁ ? ଏମିତି ଆହୁରି ଅନେକ ପ୍ରଶ୍ନ ଅଛି । ସେସବୁ ଉପରେ ପରେ ଆଲୋଚନା କରାଯିବ । ଏଠାରେ ଏତିକି କହିବା ଉଚିତ୍ ହେବ ଯେ କଥାଟି କେବଳ ଗୋଟିଏ କମ୍ପାନୀ ବା ଗୋଟିଏ ସରକାରର ଦୋଷତ୍ରୁଟି ଉପରେ ଆଧାରିତ ନୁହଁ । ବିଶ୍ୱବ୍ୟାପି ଯେଉଁ ସାମରିକ ପ୍ରତିରକ୍ଷା ଶିଳ୍ପର ପତିଆରା ଜାରୀ ରହିଛି ତାହାର ଚେର ଭାରତ ମାଟିରେ ମଧ୍ୟ ମାଡ଼ିଯିବାର ଉଦାହରଣଗୁଡ଼ିକ ଆମେ ଏବେ ଦେଖିବାକୁ

ପାଉଛୁ । ପ୍ରଥମେ ସେମାନେ ଶତ୍ରୁ ଭୟର ଭାବନା ସୃଷ୍ଟିକରି ଆମର ପ୍ରତିରକ୍ଷା ଖର୍ଚ୍ଚର ସିଂହଭାଗ ନେଇଚାଲିଥିଲେ । ଏବେ ସେମାନେ ସିଧାସଳଖ ଆମ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ପ୍ରବେଶ କରୁଛନ୍ତି । ବିଦେଶୀ କମ୍ପାନୀମାନଙ୍କୁ ଯଦି ସିଂହ କୁହାଯିବ, ତେବେ ଭାରତୀୟ ଅଂଶିଦାର କମ୍ପାନୀମାନେ କେବଳ ଶୃଗାଳ ସଦୃଶ ମାତ୍ର । ଅନ୍ତଃରାଷ୍ଟ୍ରୀୟ ପ୍ରତିରକ୍ଷା ଶିଳ୍ପ ଉଭୟ ଡ଼ାହାଣୀ ଏବଂ ଗୁଣିଆର ଭୂମିକାରେ ଅବତୀର୍ଣ୍ଣ । ଆମକୁ କେବଳ ଏକଥାଟି ବୁଝିବାକୁ ହେବକବ ଯେ ଏମାନଙ୍କର ସହଯୋଗୀ ଗଣମାଧ୍ୟମର ସୌଜନ୍ୟରୁ ଆମେ ସବୁ ଭ୍ରମ ଗୁଡ଼ିକୁ ସତ୍ୟଭାବି ଏକ ଶାନ୍ତି ବିରୋଧି ଅନୈତିକ ପୁଞ୍ଜିର ସାମ୍ରାଜ୍ୟକୁ ବୈଧତା ଯୋଗାଇ ଆସିଛେ ।